# ଓଡ଼ିଶା ବିଧାନସଭା

## ଦ୍ୱିତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୯ ନଭେମ୍ବର ୨୦୨୪

----

[ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - ଶିଳ୍ପ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - କ୍ରୀଡା ଓ ଯୁବକଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ଆବଶ୍ୟକ ତୁଳନାରେ ଶିକ୍ଷକ ନିଯୁକ୍ତି

*୨୧ **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଗୁଡ଼ିକର ଛାତ୍ରଛାତ୍ରୀ ଅନୁପାତରେ ଆବଶ୍ୟକ ଶିକ୍ଷକ ଓ ଶ୍ରେଣୀଗୃହ ରହିଛି କି, ଯଦି ନାହିଁ, ତେବେ ଅତିରିକ୍ତ ଶ୍ରେଣୀଗୃହ ଓ ଶିକ୍ଷକ ସମସ୍ତ ବିଦ୍ୟାଳୟଗୁଡ଼ିକୁ ଯୋଗାଇଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି?

----

### ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା

*୨୨ **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ରହିଛି, ଆଗାମୀ ଦିନରେ ଆଉ କେଉଁ କେଉଁ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ପ୍ରସ୍ତାବ ଆସିଛି ବା ସରକାର ଏନେଇ ଅନୁଧ୍ୟାନ କରୁଛନ୍ତି ?

----

## ମୁଖ୍ୟମନ୍ତ୍ରୀ ମେଗା ଷ୍ଟିଲ ପ୍ଲାଣ୍ଟର ସ୍ଥିତି

*୨୩ **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ବ୍ୟାପକ ସମ୍ଭାବନା ଥିବା ଦୃଷ୍ଟି କୋଣରୁ ଏଠାରେ ସରକାର କେଉଁ ଶିଳ୍ପ ବା ବୃହତ ଶିଳ୍ପ ପ୍ରତିଷ୍ଠାର ଲକ୍ଷ ସରକାର ରଖିଛନ୍ତି ? ଏ ବାବଦରେ ବିଶଦ ବିବରଣୀ ପ୍ରଦାନ କରିବେକି ? ମୁଖ୍ୟମନ୍ତ୍ରୀ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରସ୍ତାବର ରୂପରେଖ କଣ ? କେନ୍ଦୁଝର ଜିଲ୍ଲା ବଡ଼ବିଲ ଠାରେ ଥିବା Kalinga Iron Works କେବେ ଠାରୁ ବନ୍ଦ ହେଲାଣି ଏହାର ଭବିଷ୍ୟତ କଣ ?

----

## ସାନ୍ତାଳୀ ଭାଷାକୁ ସଂଖ୍ୟା ଲଘୁ ଭାଷା ମାନ୍ୟତା

*୨୪ **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ Expert Committee ର ରିପୋର୍ଟ ଏବଂ ଅଣ ତାରକା ପ୍ରଶ୍ନ ସଂଖ୍ୟା 1928 ତାରିଖ.23.08.2024 ର ଉତ୍ତର ଅନୁଯାୟୀ ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷାକୁ ସଂଖ୍ୟାଲଘୁ ଭାଷାର ମାନ୍ୟତା ଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ଖେଳ ପଡିଆକୁ ମିନି ଷ୍ଟାଡିୟମରେ ପରିଣତ

*୨୫ **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଣ୍ଡିଖୋଲ ନିକଟସ୍ଥ ସୁଙ୍ଗୁଡ଼ା ଖେଳ ପଡିଆକୁ ମିନି ଷ୍ଟାଡିୟମରେ ପରିଣତ କରିବା ପାଇଁ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପାଣ୍ଠିରୁ 1 କୋଟି - ଅନୁଦାନର ବ୍ୟବସ୍ଥା ହୋଇଥିଲା। ଏ ସମ୍ବନ୍ଧରେ କ୍ରୀଡ଼ା ବିଭାଗ ପକ୍ଷରୁ ଚିଠି ନମ୍ବର 11248/12/03/24ରେ ଯାଜପୁର ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। କ୍ରୀଡ଼ା ବିଭାଗର ନିଷ୍ପତ୍ତି ଅନୁସାରେ ସୁଙ୍ଗୁଡ଼ା ଖେଳ ପଡିଆକୁ ମିନି ଷ୍ଟାଡିୟମ୍ ଏବଂ ବ୍ଲକ ସ୍ତରୀୟ ଛତିଆ ଖେଳ ପଡ଼ିଆରେ ଗ୍ୟାଲେରୀ ନିର୍ମାଣ ସହ ଅତ୍ୟାଧୁନିକ କ୍ରୀଡ଼ା ସୁବିଧା ଯୋଗାଇବାକୁ ସରକାର ପଦକ୍ଷେପ ନେବେ କି?

----

## ଖଣ୍ଡପଡାଠାରେ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବା

*୨୬ **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡାଠାରେ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ସରକାର ପଦକ୍ଷେପ ନେବେକି, ଏବଂ ଏହାକୁ ପଠାଣୀ ସାମନ୍ତ କିମ୍ବା ନୀଳମାଧବଙ୍କ ନାମରେ ନାମକରଣ କରିବେକି?

----

## ଓଡିଆ ଭାଷା ସାହିତ୍ୟର ସୁରକ୍ଷା

***୨୭ ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଓଡିଆ ଭାଷାରେ ପତ୍ରାଳାପ କରିବା ସହ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ମାନେ ସେମାନଙ୍କର ପ୍ରତିଷ୍ଠାନର ନାମ/ ସାଇନବୋର୍ଡ ଓଡିଆରେ ଲେଖିବା ପାଇଁ ନିୟମ ଥିବା ସତ୍ତ୍ୱେ ଏହା ବାସ୍ତବରେ ତୃଣମୂଳ ସ୍ତରରେ ଦେଖାଯାଉନାହିଁ, ଓଡିଆ ଭାଷାକୁ ଗୁରୁତ୍ୱ ଦେଉନଥିବା ବ୍ୟକ୍ତି/ ସଙ୍ଗଠନ/ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେବେ କି, ଏବଂ ଓଡିଆ ଭାଷା ସାହିତ୍ୟର ସୁରକ୍ଷା ସହିତ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ଜିଲ୍ଲା ସ୍ତରରେ ବଡ ବଡ ପାଠାଗାର ସ୍ଥାପନ ସହ ଏବଂ କାର୍ଯ୍ୟ କରୁଥିବା ଘରୋଇ ପାଠାଗାର ମାନଙ୍କୁ ସରକାର ପ୍ରୋତ୍ସାହନ ଦେବେ କି ?

----

## ଭିନ୍ନକ୍ଷମମାନଙ୍କୁ କୌଶଳ ତାଲିମ ଦେବା

***୨୫ ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଓ କେଉଁ କେଉଁ ପ୍ରକାରର ଭିନ୍ନକ୍ଷମ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ପାଠ ପଢା ବୟସର ଭିନ୍ନକ୍ଷମମାନଙ୍କ ସଂଖ୍ୟା କେତେ ଏବଂ ସେମାନଙ୍କୁ ସଂପୂର୍ଣ୍ଣ ଭାବରେ ଶିକ୍ଷିତ କରିବା ଲାଗି ତଥା କୌଶଳ ତାଲିମ ଦେଇ ନିଯୁକ୍ତି ସୁବିଧା ଯୋଗାଇବା ସକାଶେ ସରକାର ବିଚାର କରୁଛନ୍ତି କି ଓ ଉତ୍ତର ହଁ ହୋଇଥିଲେ, ଏ ଦିଗରେ କଣ କରାଯାଇଛି ଓ କି ନୂଆ ଯୋଜନା କରିବାକୁ ବିଚାର କରାଯାଇଛି?

----

## ହାଇସ୍କୁଲକୁ +2 ମାନ୍ୟତା

***୨୨ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକର ତୁମ୍ବାଠାରେ ଥିବା କୁରେଶ୍ୱରୀ ହାଇସ୍କୁଲ ଓ ଚିକିଟି ବ୍ଲକର କୁଟଲିଙ୍ଗୀଠାରେ ଥିବା ରାଧାକାନ୍ତ ହାଇସ୍କୁଲ ଦୁଇଟିକୁ +2 ବିଦ୍ୟାଳୟର ମାନ୍ୟତା ଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପ୍ରତ୍ୟେକ ଜିଲ୍ଲାରେ ସରକାରୀ କଲେଜ ପ୍ରତିଷ୍ଠା

***100 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ (ସରକାରୀ କଲେଜ ନଥିବା) ସରକାରୀ କଲେଜ ପ୍ରତିଷ୍ଠା କରିବାକୁ ସରକାର ନିଷ୍ପତ୍ତି ନେଇଥିବା ସତ୍ୟ କି, (ଖ) ଯଦି ସତ୍ୟ, ତେବେ ଏହାର ବିସ୍ତୃତ ବିବରଣୀ ଉପସ୍ଥାପନ କରିବେ କି ?

----

## ସେଡ୍ ଓ ଜମିର ଆବଣ୍ଟନ ବାତିଲ୍

*101 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାର କେଉଁ ଶିଳ୍ପାଞ୍ଚଳରେ କେଉଁ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଶିଳ୍ପାୟନ ପାଇଁ ସେଡ୍ ଓ କେତେ ଜମି ଯୋଗାଇ ଦିଆଯାଇଛି, ତନ୍ମଧ୍ୟରୁ କେତେ ଜମିରେ ଓ ସେଡ୍‌ରେ ଶିଳ୍ପାୟନ ହେଉଥିବା ବେଳେ କେତେଗୋଟି ସେଡ୍ ଓ ଜମି ଅଣ ଶିଳ୍ପାୟନ ନିମନ୍ତେ ବିନିଯୋଗ ହୋଇଛି, ତାହାର ତାଲିକା ଦର୍ଶାଇ ଅଣ ଶିଳ୍ପାୟନ ହୋଇଥିବା ସେଡ୍ ଓ ଜମିର ଆବଣ୍ଟନ ବାତିଲ୍ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## SSD ହାଇସ୍କୁଲରେ +2 ଶ୍ରେଣୀ ଖୋଲିବା

*102 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଳିଅଣା ବ୍ଲକ ର ଚାନ୍ଦୁଆ ଓ ଶାମାଖୁଣ୍ଟା ବ୍ଲକ ର ଗୁଣ୍ଡିହୁଡ଼ି ଅଞ୍ଚଳ ଏକ ସର୍ବ ପୁରାତନ ଅଞ୍ଚଳ, ଏହି ଅଞ୍ଚଳରେ ପ୍ରାୟ ୫୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି, ହାଇସ୍କୁଲରୁ ୧୦ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲା ପରେ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀମାନେ ହଇରାଣ ହେଉଛନ୍ତି, ତେଣୁ ଏହି ଅଞ୍ଚଳରେ ଥିବା ୨ ହାଇସ୍କୁଲ ଯଥା ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟ (SSD) ଓ ଗୁଣ୍ଡିହୁଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ (SSD) +୨ ପାଠ୍ୟକ୍ରମ ପାଇଁ ସରକାର ବିଚାର କରିବେ କି ?

----

## ଦେବଗଡ ଠାରେ ହକି ପ୍ରଶିକ୍ଷଣ ଖୋଲିବା

*103 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ତରଫରୁ ଓଡିଶାର ଦ୍ୱିତୀୟ ହକିର ଏକୁଡିଶାଳ କୁହାଯାଉଥିବା ଦେବଗଡଠାରେ ଏକ ହକି ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ ଦେବଗଡ ସହରକୁ ଲାଗି ଏକ ଜାତୀୟ ସ୍ତରୀୟ ହକି ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ ହୋଇସାରିଛି, ଏହାର ବର୍ତ୍ତମାନ ସ୍ଥିତି କଣ ଏବଂ କେବେସୁଦ୍ଧା ପ୍ରଶିକ୍ଷଣ ଅନୁଷ୍ଠାନ ଆରମ୍ଭ ହେବ ?

----

## ବଲାଙ୍ଗିର ଜିଲ୍ଲାରେ ଥିବା ସରକାରୀ ଓ ବେସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ

*104 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ବଲାଙ୍ଗିର ଜିଲ୍ଲାରେ ବର୍ତ୍ତମାନ କେତେ ଗୋଟି ସରକାରୀ ଓ ବେସରକାରୀ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାନୁଷ୍ଠାନ ପରିଚାଳିତ ହେଉଛି ଓ କେଉଁ କେଉଁ ପାଠ୍ୟକ୍ରମରେ ଶିକ୍ଷାଦାନ ଦିଆଯାଉଛି ତଥା କେତେ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଛନ୍ତି, ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି,
(ଖ) କଣ୍ଟାବାଞ୍ଜି ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (I.TI.) ରେ କେଉଁ କେଉଁ ପାଠ୍ୟକ୍ରମ ରେ ତାଲିମ ଦେବାର ପ୍ରାବଧାନ ଅଛି, ବର୍ତ୍ତମାନ କେଉଁ କେଉଁ ପାଠ୍ୟକ୍ରମରେ କେତେଜଣ ଛାତ୍ରଛାତ୍ରୀ ଙ୍କୁ ତାଲିମ ପ୍ରଦାନ କରାଯାଉଛି ଏବଂ ଏଥିପାଇଁ କେଉଁ କେଉଁ ବିଭାଗରେ କେତେଜଣ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, କଣ୍ଟାବାଞ୍ଜି କୁ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ପରିଚାଳନା ହେଉଅଛି, ଅଥବା ଏଥିପାଇଁ ସ୍ୱତନ୍ତ୍ର ପରିଚାଳନା କମିଟି ଗଠନ ହୋଇଅଛି, ବର୍ତ୍ତମାନ ପରିଚାଳନା କମିଟିରେ କେଉଁ ବର୍ଗର କେତେ ଜଣ ସଦସ୍ୟ ଙ୍କୁ ନେଇ କମିଟି ଗଠନ କରାଯାଇଛି ଓ ସେମାନଙ୍କ କାର୍ଯ୍ୟକାଳ ଅବଧି କେତେ ବର୍ଷ ଅଟେ ?

----

## କଳାକାର ଭତ୍ତା ବୃଦ୍ଧି

*105 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ବିଭିନ୍ନ ବର୍ଗର କଳାକାର ମାନଙ୍କୁ ଯୋଗାଇ ଦେଉଥିବା ମାସିକ ଭତ୍ତାକୁ ବୃଦ୍ଧି କରିବା ପାଇଁ ସ୍ଥିର କରିଥିଲେ ଏଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## Individuals have benefitted from social security schemes

*106 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

What social security schemes are currently available for persons with disabilities in Odisha, how many individuals have benefited from these schemes over the past year & what types of assistance (financial, educational, vocational) do these schemes provide ?

----

## provided with a car for visit to schools

*107 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- when office of BEO will be provided with a car for visit to schools for the inspection and other official visits? Is the Government aware of the difficulty/challenge faced by the officers in hilly blocks of state?

----

### ଅଣ ଅନୁଦାନ ଓ ଅନୁଦାନ ମହାବିଦ୍ୟାଳୟରେ ଶିକ୍ଷାଦାନ

*108 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଚ୍ଚଶିକ୍ଷା ବିଭାଗ ଅଧିନରେ ସମୁଦାୟ କେତୋଟି ଅଣ ଅନୁଦାନ, ଅନୁଦାନ ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ହେଉଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

### ବନ୍ଦ ହୋଇଥିବା କାରଖାନା ପୁନଃ କାର୍ଯ୍ୟକ୍ଷମ

*109 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କେନ୍ଦୁଝର ଜିଲ୍ଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବଡ଼ବିଲ୍‌ଠାରେ ପ୍ରତିଷ୍ଠିତ ଏସିଆ ମହାଦେଶର ସର୍ବବୃହତ୍ ଆଇରନ୍ ୱାର୍କସ୍ କାରଖାନା କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ ଉଚ୍ଚମାନର ଗୁଣାତ୍ମକ ସ୍ପନ ପାଇପ୍ ସହ ଗୁଣାତ୍ମକ ଆଇରନ୍ ଉତ୍ପାଦନ କରୁଥିବା ଓ ଏଥିରେ କାର୍ଯ୍ୟକରି ବହୁଲୋକ ଜୀବନ ଜୀବିକା ନିର୍ବାହ କରୁଥିିବା ବେଳେ ଏହି କାରଖାନା କେବେଠାରୁ ବନ୍ଦ ଅଛି, ଏହା ବନ୍ଦ ହେବା ଯୋଗୁଁ କେତେ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ଓ ଆତ୍ମନିଯୁକ୍ତିରୁ ବଞ୍ଚିତ ହୋଇ କ୍ଷୁଧାର ସମ୍ମୁଖୀନ ହୋଇଛନ୍ତି, ଏହି କାରଖାନାକୁ କେବେ ସୁଦ୍ଧା ପୁନଃ କାର୍ଯ୍ୟକ୍ଷମ କରାଯିବ ?

----

### MP ଏବଂ MLA ଙ୍କ ସୁପାରିଶ ଦ୍ୱାରା Certificate ପ୍ରଦାନ

*110 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉକ୍ତ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ଗୁଡିକରେ ଅଧିକାଂଶ SC/ST ପିଲା ମାନଙ୍କର ଅଭିଭାବକଙ୍କ ଘରଡିହ ପଟ୍ଟା ଜାତିଗତ ତ୍ରୁଟି ଥିବାରୁ ST/SC ପିଲାମାନେ ପାଠ ପଢିବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ଆବାସିକ ସ୍କୁଲ ରହିବା ପାଇଁ ବ୍ୟବସ୍ଥା କରିବେ କି, M.P. କିମ୍ବା M.L.A. ଙ୍କ ସୁପାରିଶ Certificate କାର୍ଯ୍ୟକାରୀ କରିବେ କି ?

----

### Development of Integrated Sports Complex

*111 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(a) Considering the deep emotional attachment of the people of Cuttack to sports and the historic significance of Barabati Stadium in promoting cricket and other sports, will the government reconsider its decision to develop an

integrated sports complex in Cuttack, The previous reply regarding non-development of Barabati Stadium has caused significant discontent among citizens, (b) If the government plans to proceed, what specific proposals, timelines, and key facilities are included in the development of this sports complex to honor the sports heritage of Cuttack and address the aspirations of its citizens?

----

## ପ୍ରତିମୂର୍ତ୍ତି ସ୍ଥାପନ

***112 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

(କ) ଓଡ଼ିଶାରେ କେଉଁ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି କେଉଁ ସ୍ଥାନରେ କେତେ ଗୋଟି ବିଭାଗ ପକ୍ଷରୁ ସ୍ଥାପନ କରାଯାଇଛି ତାହାର ସବିଶେଷ ନାମ/ସ୍ଥାନ/ ସଂଖ୍ୟା ୱାରି ତଥ୍ୟ ପ୍ରଦାନ କରିବା ସହ ଅଦ୍ୟାବଧି କେଉଁ ବରପୁତ୍ର ବା ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ହୋଇନାହିଁ ଏବଂ ନିକଟ ଭବିଷ୍ୟତରେ ଲୁକାୟିତ ବରପୁତ୍ର ମାନଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ଉକ୍ତ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ଦିଗରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରିବ କହିବେ କି , (ଖ) ଏହି ମର୍ମରେ ସାଧାରଣ ଲୋକଙ୍କର ପ୍ରସ୍ତାବ ଅନୁଯାୟୀ ପୂର୍ବତନ ବିଧାୟକ, ମହାପୁରୁଷ ତଥା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ବିଭାଗ କେତେ ଅର୍ଥ ଖର୍ଚ୍ଚ କରିବ କହିବା ସହିତ ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗ ପାଖରେ ସ୍ୱାମୀ ବିବେକାନନ୍ଦଙ୍କର, ପୈତୃକ ବାସସ୍ଥଳ ବଟେଶ୍ୱର ପାଖରେ କବିବର ରାଧାନାଥ ରାୟଙ୍କର ଓ ଗୁଡ଼ିଆ ସମାଜର ମହାପୁରୁଷ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବିଭାଗ ବିଶେଷ ଧ୍ୟାନ ଦେବେ କି ?

----

## ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ

***113 ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

(କ) ରାଜ୍ୟରେ କେନ୍ଦ୍ର ସରକାରଙ୍କ ତରଫରୁ ବାର୍ଦ୍ଧକ୍ୟ, ବିଧବା, ଓ ଦିବ୍ୟାଙ୍ଗ ଭତ୍ତା ପାଉଥିବା ହିତାଧିକାରୀଙ୍କ ସଂଖ୍ୟା କେତେ, ତାର ଜିଲ୍ଲାୱାରୀ ତାଲିକା ଦେବେ କି ; ରାଜ୍ୟ ସରକାର ନିଜସ୍ୱ ଯୋଜନାରୁ କେତେ ଜଣ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଭତ୍ତା ଦେଉଛନ୍ତି ତାର ଜିଲ୍ଲାୱାରୀ ତାଲିକା ଦେବେ କି; (ଖ) ଜୁନମାସରୁ ଏ ପର୍ଯ୍ୟନ୍ତ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀମାନଙ୍କ ଆବେଦନ ରାଜ୍ୟ ସରକାର ଗ୍ରହଣ କରି କେତେ ନୂତନ ହିତାଧିକାରୀ ମାନଙ୍କୁ ଏ ଯୋଜନାରେ ସାମିଲ କରିଛନ୍ତି; ରାଜ୍ୟର ସମସ୍ତ ହିତାଧିକାରୀମାନଙ୍କ ଭତ୍ତାରାଶି ବୃଦ୍ଧି କରିବାର ପ୍ରସ୍ତାବ ଅଛି କି; ଯଦି ହଁ କେବେ ସୁଦ୍ଧା ବର୍ଦ୍ଧିତ ହାରରେ ଭତ୍ତା ଦେବେ ?

----

## ଖାଲିଥିବା ଅଧ୍ୟକ୍ଷ ପଦବୀ ପୂରଣ

*114 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ 444 ବର୍ଗର ଥିବା କେତେକ +2 College ଗୁଡିକରେ ଅଧ୍ୟକ୍ଷ ନଥିବାରୁ ଅଧ୍ୟକ୍ଷ ପଦବୀରେ PGT ଶିକ୍ଷକଙ୍କୁ ଉକ୍ତ ଅଧ୍ୟକ୍ଷ ପଦବୀରେ ସରକାର ନିଯୁକ୍ତି ଦେଇଥିବାରୁ ଉକ୍ତ ଅନଭିଜ୍ଞ PGT Teacher ମାନେ College ର କୌଣସି କାର୍ଯ୍ୟ ସଠିକ୍ ଭାବରେ କରିପାରୁନାହାଁନ୍ତି ଉକ୍ତ ଅଞ୍ଚଳର ଜନସାଧାରଣ College ସଠିକ୍ ପରିଚାଳନା ପାଇଁ ଜଣେ ଅଭିଜ୍ଞ ଅଧ୍ୟକ୍ଷଙ୍କ ନିଯୁକ୍ତି ପାଇଁ ନିର୍ଦ୍ଦେଶକଙ୍କୁ ବାରମ୍ବାର ଦାବୀ କରୁଥିବା ପରିପ୍ରେକ୍ଷୀରେ ଖାଲିଥିବା ଅଧ୍ୟକ୍ଷ ପଦବୀରେ ଜଣେ ଅଭିଜ୍ଞ ଅଧ୍ୟକ୍ଷଙ୍କୁ ଯଥାଶୀଘ୍ର ନିଯୁକ୍ତି ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ

*115 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ସତ୍ୟବାଦୀଠାରେ ପ୍ରତିଷ୍ଠିତ ଓଡିଆ ବିଶ୍ୱବିଦ୍ୟାଳୟରେ କେଉଁ କେଉଁ ପାଠ୍ୟକ୍ରମରେ ସ୍ନାତକ, ସ୍ନାତକୋତ୍ତର ଓ ଗବେଷଣା ଶିକ୍ଷା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇ ଏଥିପାଇଁ କେଉଁ ବିଭାଗ କେଉଁ ବର୍ଗରେ କେତେ ଅଧ୍ୟାପକ ଓ କର୍ମଚାରୀ ପଦବୀ ମଂଜୁରପୂର୍ବକ ଅନୁମୋଦନ ହୋଇଛି ଏହାକୁ ପୂରଣ ପାଇଁ କି କି ପ୍ରକ୍ରିୟା ଆରମ୍ଭ ହୋଇଛି, କେବେସୁଦ୍ଧା ପୂରଣ କରି କେବେଠାରୁ ଶିକ୍ଷାଦାନ ଆରମ୍ଭ କରାଯିବ?

----

## ବଲାରପୁର ଇଣ୍ଡଷ୍ଟ୍ରିଜକୁ ପୁନଃ କାର୍ଯ୍ୟକ୍ଷମ

*116 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାରଠାରେ ବନ୍ଦ ହୋଇରହିଥିବା ବଲାରପୁର ଇଣ୍ଡଷ୍ଟ୍ରିଜକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଜୟଦେବ ନିର୍ବାଚନ ମଣ୍ଡଳୀରେ ଥିବା ଆବାସିକ ବିଦ୍ୟାଳୟ

*117 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନ ମଣ୍ଡଳୀରେ କେତୋଟି ହରିଜନ, ଆଦିବାସୀ ଆବାସିକ ବିଦ୍ୟାଳୟ ବା ବିଦ୍ୟାଳୟ ଅଛି ଏବଂ କେତୋଟି ଉଚ୍ଚ ବିଦ୍ୟାଳୟ ଅଛି, ସେହିପରି ପଛୁଆବର୍ଗ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟକୁ ଉନ୍ନତି ପାଇଁ ସରକାର କ'ଣ କ'ଣ ପଦକ୍ଷେପ ନେଇଛନ୍ତି ?

----

## ପଦ୍ମଶ୍ରୀ ବିଜେତାଙ୍କୁ ଅଣଦେଖା

***118 ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଟୋକିଓ ପାରା ଅଲମ୍ପିକରେ ସ୍ୱର୍ଣ୍ଣ ପଦକ ଓ ୬ ଥର ବିଶ୍ୱ ବିଜେତା ହୋଇ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିବା ସହିତ ଏକମାତ୍ର ଖେଳ ରତ୍ନ ପୁରସ୍କାର ପ୍ରାପ୍ତ ଅତାବିରା ଅଞ୍ଚଳର ପଦ୍ମଶ୍ରୀ ବିଜେତାଙ୍କୁ ଗତ ରାଜ୍ୟ ସରକାର ଅଣଦେଖା କରିବା ସହିତ ସରକାରୀ ଚାକିରୀରେ ଥଇଥାନ କରିନାହାନ୍ତି, ସରକାର ଏନେଇ ବିଚାର କରିବେ କି?

----

## ଖାଲିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ

***119 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ କେତୋଟି ଏକାଡେମୀ ଓ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ରହିଛି , ଏକାଡେମୀ ଓ ଭାଷା ପ୍ରତିଷ୍ଠାନଗୁଡିକରେ ଦୀର୍ଘଦିନ ଧରି କାର୍ଯ୍ୟକର୍ତ୍ତା ଓ କାର୍ଯ୍ୟକାରୀ ସମିତି ନଥିବା କଥା ସରକାର ଜାଣନ୍ତି କି , ଏହି ବିଭାଗ ଅଧିନରେ କେଉଁ କେଉଁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ରହିଛି ଏବଂ ସେଗୁଡିକ ଲାଗି କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ରହିଛି ଓ ସେଥିରୁ ଏବେ କେତେ ପଦବୀ ଖାଲି ପଡିଛି, ଏ ସମସ୍ତ ପଦ ପଦବୀ କେବେ ସୁଦ୍ଧା ସରକାର ପୂରଣ କରିବେ ?

----

## ଭୁବନେଶ୍ୱରରେ ଥିବା ନିଶା ନିବାରଣ କେନ୍ଦ୍ର

***120 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଭୁବନେଶ୍ୱର ମଧ୍ୟରେ / ଭିତରେ କେଉଁ କେଉଁ ସ୍ଥାନରେ ନିଶା ନିବାରଣ କେନ୍ଦ୍ରମାନ ଅବସ୍ଥିତ, ସେହି ସଂସ୍ଥା ଗୁଡିକ ସରକାରୀ କିମ୍ବା ବେସରକାରୀ କେନ୍ଦ୍ର ମାନଙ୍କରେ ନିଶାସକ୍ତ ବ୍ୟକ୍ତି ବିଶେଷ/ ଅନ୍ତେବାସୀ ମାନଙ୍କୁ କେଉଁ ପଦ୍ଧତି ପ୍ରୟୋଗ କରି ସେମାନଙ୍କର ନିଶା ଛଡାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି କିମ୍ବା ନିଶା ନିବାରଣ କେନ୍ଦ୍ର ମାନଙ୍କର ନିଜସ୍ୱ ପଦ୍ଧତି ଯାହାକୁ ସରକାର ଅନୁମୋଦନ ଦେଇଛନ୍ତି ତା'ର ତଥ୍ୟ ପ୍ରଦାନ କରିବେ କି, କେଉଁ କେନ୍ଦ୍ରରେ କେତେଜଣ ଅନ୍ତେବାସୀ ରହିବାକୁ ସରକାର ଅନୁମତି ଦେଇଛନ୍ତି, କେଉଁ ନିଶା ନିବାରଣ କେନ୍ଦ୍ରରୁ କେଉଁ ମସିହାରେ କେତେଜଣ ଲେଖାଏଁ ନିଶା ଛାଡିଛନ୍ତି ?

----